

୯ମ ବର୍ଷ ● ୧୦ମ ସଂଖ୍ୟା ● ଜୁନ ୨୦୨୦

**ତୁମ ମତ:** ଜଳ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି କି ?
**ଓଡ଼ିଆ ଭାଗବତ କଥା:** ଭୀଷ୍ମଙ୍କ ଦେହତ୍ୟାଗ
**ପୁରାଣ ଓ ପରମ୍ପରା କଥା:** ଶ୍ରୀଗଣେଶ ଓ ଜଗନ୍ନାଥ
**ବଡ଼ଲୋକଙ୍କ କଥା:** ଆଚାର୍ଯ୍ୟ ବିନୋବା ଭାବେ
**ସ୍ମରଣୀୟ ରାଜନେତା:** ପି.ଭି. ନରସିଂହ ରାଓ
**ଗପ:** ହାତରେ ମୋ ମୁଠାମୁଠା ଶରଧାବାଲି, ସାବାସ୍ ମୋନା, ଅସରପି ସନ୍ଧାନରେ, ...
**କବିତା:** ରଥେ ବିଜେ ଜଗନ୍ନାଥ, ଅଣସରେ ଅଲାରନାଥ, ...
**ଏଥିସହିତ କୁନିକୁନାଙ୍କ ପାଠଶାଳା, କବିତା ଧନ୍ଦା, ଖବର ଓ ଆହୁରି ଅନେକ ବିଭାଗ ।**

## ତୁମ ମତ:

ଜଳ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି କି ? ଜଳ ହିଁ ଜୀବନ । ଜଳ ଅମୂଲ୍ୟ ସମ୍ପଦ । ଜଳ ଅପଚୟ ଯୋଗୁଁ ଜଳାଭାବ । ଜଳର ଅପଚୟକୁ ରୋକି କିଭଳି ଓ କାହିଁକି ଜଳ ସଂରକ୍ଷଣ ଅତି ଆବଶ୍ୟକ । ଏହିସବୁ ବିଷୟରେ ନିଜନିଜର ମତ ରଖିଛନ୍ତି ଆମ କୁନାକୁନିମାନେ ।

## ଓଡ଼ିଆ ଭାଗବତ କଥା: ଭୀଷ୍ମଙ୍କ ଦେହତ୍ୟାଗ

**ଲେଖିକା: ଡ. ଇତି ସାମନ୍ତ**

ଘରେ ଘରେ ପରିଚିତ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ ଓଡ଼ିଆ ଭାଗବତର କଥାକୁ ଅତି ସହଜ ସରଳ ଭାବେ ପିଲାମାନେ ବୁଝିପାରିଲା ଭଳି ଲେଖିଛନ୍ତି ସମ୍ପାଦିକା ଡ. ଇତି ସାମନ୍ତ। ଓଡ଼ିଆ ଭାଗବତର ଉପାଦେୟ କଥାକୁ ପିଲାଙ୍କ ପାଇଁ ଅତି ଚମତ୍କାର ଭାବେ ଉପସ୍ଥାପନା କରିଛନ୍ତି ସେ । ମହାଭାରତ ଯୁଦ୍ଧରେ ବହୁତ ଲୋକଙ୍କର ମୃତ୍ୟୁ ଯୋଗୁଁ ନରହତ୍ୟା ପାପର ଆଶଙ୍କା କରି ଧର୍ମ ଜ୍ଞାନ ଆହରଣ ପାଇଁ କୁରୁକ୍ଷେତ୍ରରେ ଶରଶଯ୍ୟାରେ ଶୋଇଥିବା ଭୀଷ୍ମଙ୍କ ନିକଟକୁ ଯୁଧିଷ୍ଠିର ଯାଇଥିଲେ। ଯୁଧିଷ୍ଠିରଙ୍କ ସହିତ ତାଙ୍କର ସବୁ ଭାଇ ଓ ଶ୍ରୀକୃଷ୍ଣ ବି ଯାଇଥିଲେ ସେଠାକୁ। ଶ୍ରୀକୃଷ୍ଣ ଅବତାର ରୂପେ ଜନ୍ମ ହୋଇଛନ୍ତି ଓ ତାଙ୍କୁ ସାଧାରଣ ମଣିଷ ଭାବିବା ଠିକ୍ ନୁହେଁ ବୋଲି ପାଣ୍ଡବଙ୍କୁ କହିସାରି ଭୀଷ୍ମ ସୂର୍ଯ୍ୟଙ୍କର ଉତ୍ତରାୟଣ ଆସିଯିବାରୁ ଦେହତ୍ୟଗ କରିବା କଥା ଭାଗବତର ପ୍ରଥମ ସ୍କନ୍ଦର ନବମ ଅଧ୍ୟାୟରେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି ।

## ପୁରାଣ ଓ ପରମ୍ପରା କଥା: ଶ୍ରୀଗଣେଶ ଓ ଜଗନ୍ନାଥ

**ଲେଖକ: ଅନନ୍ତ ପ୍ରଧାନ**

ସିଦ୍ଧି ଓ ବିଦ୍ୟାର ଦେବତା ଶ୍ରୀଗଣେଶ ସମସ୍ତଙ୍କର ସବୁ କାମରେ ଆଗେ ଖୋଜା ପଡ଼ିଥାନ୍ତି ଓ ସବୁ ଦେବତାଙ୍କ ମଧ୍ୟରେ ଆଗେ ମଧ୍ୟ ପୂଜା ପାଇଥାନ୍ତି । ପିଲାବେଳେ ତାଙ୍କର ଚତୁରତା ପାଇଁ ସେ ନିଜ ପିତା ମହାଦେବଙ୍କ ଚାରିପାଖେ ବୁଲିଆସି ପ୍ରତିଯୋଗିତା ଜିତି ତାଙ୍କର ଅତିପ୍ରିୟ ଲଡ୍ଡୁ ପୁରସ୍କାର ଭାବେ ପାଇବା କଥା ଓ ଶ୍ରୀଗଣେଶଙ୍କ ସହିତ ଜଗନ୍ନାଥଙ୍କର ସମ୍ପର୍କକୁ ନେଇ ଚମତ୍କାର ଉପସ୍ଥାପନା। ଆହୁରି ମଧ୍ୟ ଏଥିରେ ରହିଛି ଜଗନ୍ନାଥଙ୍କର ସ୍ନାନଯାତ୍ରା ଓ ହାତୀ ବେଶର ଲୋକକଥା ସହିତ ଶ୍ରୀମନ୍ଦିରର ନୀତିକାନ୍ତିର ସୁନ୍ଦର ବର୍ଣ୍ଣନା; ଯାହାକି ସମସ୍ତଙ୍କ ପାଇଁ ନିହାତି ଜାଣିବା ଭଳିଆ ବିଷୟ ଅଟେ ।

## ଆମ ପରିବେଶ କଥା: ବାୟାର କି ଯାଏ... ?

**ଲେଖକ: ତ୍ରିନାଥ ପଟ୍ଟନାୟକ**

ବାୟା ଚଢ଼େଇର ଜୀବନଶୈଳୀ ଓ ତା'ର ସୁନ୍ଦର ବସାକୁ ନେଇ ଏକ ଉପାଦେୟ ଲେଖା। ଲେଖାର ଶେଷ ଭାଗରେ ବାୟା ଚଢ଼େଇଙ୍କ ବଂଶରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ମଧ୍ୟ ରହିଛି ।

## ବଡ଼ଲୋକଙ୍କ କଥା: ଆଚାର୍ଯ୍ୟ ବିନୋବା ଭାବେ

**ଲେଖିକା: ସୁହାସିନୀ ମହାପାତ୍ର**

ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ବିନୋବା ଭାବେଙ୍କର ପିଲାଦିନ, ତାଙ୍କର ଦେଶପ୍ରେମ ତଥା ଭୂଦାନ ଆନ୍ଦୋଳନ ନିମନ୍ତେ ସେ 'ସନ୍ଥ ବିନୋବା' ଭାବେ ପରିଚିତ ହେବା ଭଳି ଅତି ଦରକାରୀ କଥାକୁ ଏଥିରେ ସ୍ଥାନ ଦିଆଯାଇଛି ।

## ସ୍ମରଣୀୟ ରାଜନେତା: ପି.ଭି. ନରସିଂହ ରାଓ

**ଲେଖକ: ଅମିତାଭ ଖିଲାର**

ଭାରତର ନବମ ପ୍ରଧାନମନ୍ତ୍ରୀ ତଥା ଆନ୍ଧ୍ରପ୍ରଦେଶର ଚତୁର୍ଥ ମୁଖ୍ୟମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ପାରିବାରିକ ଓ ରାଜନୈତିକ ଜୀବନ ସହିତ ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ସବିଶେଷ ବିବରଣୀ ରହିଛି ଲେଖାଟିରେ। ଲେଖାଟି ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହୋଇଛି ।

**ତୁମ ଲେଖନୀରୁ: କୁନି ଠାକୁର**
**ଲେଖିକା: ଶୁଭଲଗ୍ନା ରାଉତରାୟ**
କୁନି ଲେଖିକା ଜଗନ୍ନାଥଙ୍କୁ କୁନିଠାକୁର ଭାବରେ ଭକ୍ତି ନିବେଦନ କରିଛନ୍ତି ତାଙ୍କ କବିତାରେ।

**ଗପ: ହାତରେ ମୋ ମୁଠାମୁଠା ଶରଧାବାଲି**
**ଲେଖକ: ସଂଗ୍ରାମ କେଶରୀ ପୃଷ୍ଟି**
ପୁରୀର ଗଜପତି ଭାନୁଦେବଙ୍କ ମହାରାଣୀ ଶ୍ରଦ୍ଧାମଣୀ ପାଟମହାଦେଇଙ୍କ ଦ୍ୱାରା ବଡ଼ଦାଣ୍ଡର ମାଳିନୀ ନଈ ପୋତାଯିବା, ରଥଯାତ୍ରାରେ ଛଅ ରଥ ବଦଳରେ ତିନିରଥ କରାଯିବା ଓ ଶରଧାବାଲି ନାମର କିଂବଦନ୍ତୀକୁ ନେଇ ସୁନ୍ଦର ଗପଟିଏ।

**ଗପ: ବିଦ୍ୱାନ ବ୍ୟକ୍ତି ସର୍ବତ୍ର ପୂଜିତ ହୁଅନ୍ତି**
**ଲେଖକ: ଅଶ୍ୱିନୀ କୁମାର ଶତପଥୀ**
ଆକବରଙ୍କ ରାଜସଭାର ବୀରବଲ ନିଜକୁ ଶ୍ରେଷ୍ଠ ବୋଲି ପ୍ରତିପାଦିତ କରି ସମସ୍ତଙ୍କ ପାଖରୁ ଆଦର ପାଉଥିବା କଥାକୁ ନେଇ ସୁନ୍ଦର ଗପ।

**ଗପ: ସାବାସ୍ ମୋନା**
**ଲେଖିକା: ଛନ୍ଦା ମିଶ୍ର**
କୁନିଝିଅ ମୋନା ସାହସର ସହ ଏକ ଚୋରା ବନ୍ଧୁକ କାରଖାନାକୁ ଠାବକରି ଅପରାଧୀମାନଙ୍କୁ ପୋଲିସ ହାତରେ ଧରାଇଦେଇ ସମସ୍ତଙ୍କ ଠାରୁ ପ୍ରଶଂସା ପାଇଥିବାକୁ ନେଇ ସଚେତନତାମୂଳକ ଗପଟିଏ।

**ଗପ: ଅସରପି ସନ୍ଧାନରେ**
**ଲେଖକ: ରମେଶ ଚନ୍ଦ୍ର ଦାଶ**
ଅସରପି ପାଇବାକୁ ହେଲେ କଠିନ ପରିଶ୍ରମ ଦରକାର। ଅସରପିକୁ ନେଇ ପିଲାଙ୍କ ପାଇଁ ଏକ ପରାମର୍ଶମୂଳକ ଶିକ୍ଷଣୀୟ ଗପ।

**କବିତା: ରଥେ ବିଜେ ଜଗନ୍ନାଥ**
**ଲେଖକ: ପ୍ରଫୁଲ୍ଲ କୁମାର ସାହୁ**
ଚଳିତ ମାସରେ ହେଉଥିବା ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ ଭକ୍ତି କବିତା।

**କବିତା: ଅଣସରେ ଅଲାରନାଥ**
**ଲେଖକ: ସୁଶାନ୍ତ କୁମାର ଜେନା**
ଅଣସର ପନ୍ଦର ଦିନ ଭକ୍ତମାନେ ଜଗନ୍ନାଥଙ୍କ ଦର୍ଶନ ନ ପାଇ ବ୍ରହ୍ମଗିରିର ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି। ଜଗନ୍ନାଥ ଓ ଅଲାରନାଥ ଏକ ଓ ଅଭିନ୍ନ। ଚଳିତ ମାସରେ ହେଉଥିବା ଅଣସର ଅବସରରେ ଅଲାରନାଥଙ୍କୁ ନେଇ ଭକ୍ତିପୂର୍ଣ୍ଣ ସୁନ୍ଦର କବିତା।

**କବିତା: ଆସିଛି ରଜ ମଉଜ**
**ଲେଖକ: ତନ୍ମୟ କୁମାର ମିଶ୍ର**
ଓଡ଼ିଶାର ପ୍ରସିଦ୍ଧ ରଜ ପର୍ବକୁ ନେଇ ପିଲାମାନଙ୍କ ପାଇଁ ସୁନ୍ଦର କବିତା।

**କବିତା: କରୋନାର ହେଉ ଅନ୍ତ**
**ଲେଖିକା: ଜୟନ୍ତୀ ସାହୁ**
କରୋନା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ଓ ଈଶ୍ୱର ଭକ୍ତି ଦ୍ୱାରା ଏହାର ଅନ୍ତ ହେବ ବୋଲି କବୀଙ୍କର ନିବେଦନର କବିତା।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି, ଜୁଲାଇରେ ବାହାରିପାରେ ମାଟ୍ରିକ୍ ଫଳ, ୟୁଭିସି ସାନିଟାଇଜ୍ ମେସିନ।

**ତୁମ ପାଇଁ ଖବର:**
ସେଷ୍ଟିଭାକ, ଡକ୍ଟର ମ୍ୟାଙ୍ଗୋ, ଦୂରରୁ ଦିଶିଲା ଏଭରେଷ୍ଟ, ଏଲିସା, ପିଆନୋ ବଜାଇବ ରୋବୋ, ରୋବୋ ଡଗ୍।

**ଖେଳ ଖବର:**

ଭାରତୀୟ କ୍ରିକେଟର ସୁବର୍ଣ୍ଣ ଯୁଗ

**ଚଳଚ୍ଚିତ୍ର ଖବର:**

'ପଚାଶ ବର୍ଷର ଓଡ଼ିଶା ରଙ୍ଗମଞ୍ଚ' ଓ 'ଏ ରେ ଅଫ୍ ଜିନିୟସ୍'।

**ନିୟମିତ ବିଭାଗରେ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୭୫', ଅନନ୍ତ ପ୍ରଧାନଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■